# Akashvani, Sambalpur

## SAMBALPURI NEWS EVENING BULLETIN

## 28 February 2025- 7.02 pm- 7.12 pm.

********************************************

୧- ୨୦୩୦ ମସିହାତକ୍ ଯକ୍ଷ୍ମା ଦୂର୍ କର୍‌ବାର୍‌କେ ସାରା ପୁର୍‌ଥି ପ୍ରତିଜ୍ଞା ନେଇଛେ- କହେଲେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ।

୨- ନୂଆଁ ରାସନ୍‌କାର୍ଡ଼ ଲାଗି ଆଏବା କାଏଲ୍‌ଠାନୁ ଅନ୍‌ଲାଇନ୍ ପଞ୍ଜିକରଣ୍ ହେବା ମୁଲ୍ ।

୩- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କର୍ ଶ୍ରଦ୍ଧାବାର୍ଷିକୀ ଅବ୍‌ସରେ ରାଜ୍ୟବାସୀ ଜନାଲେ ଶ୍ରଦ୍ଧାଞ୍ଜଳି ।

ଆଉର୍

୪- ରାଷ୍ଟ୍ରୀୟ ମର୍ଯ୍ୟାଦା ସହେତେ ବିଶିଷ୍ଟ ଓଡ଼ିଆ ସିନ୍‌ମା ଅଭିନେତା ଉତମ୍ ମହାନ୍ତିଙ୍କର୍ ସର୍‌ଲା ଶେଷକୃତ୍ୟ ।

ଜେ.ପି.ନଡ୍ଡା- ଓଡ଼ିଶା ଆର୍‌ଏନ୍‌ୟୁ/

କେନ୍ଦ୍ର ସର୍‌କାର୍ ଦେଶୁ ଇ ବଛର୍ ଶେଷ୍‌ତକ୍ ଯକ୍ଷ୍ମାରୋଗ୍ ମୁଳୁ ଶେଷ୍ କର୍‌ବାର୍ ଦିଗେ ଆବଶ୍ୟକ ପଦକ୍ଷେପ୍ ନଉଛନ୍ ବଲି

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ । ପୁରୀଠାନେ ଆଏଜ୍ ଜନସ୍ୱାସ୍ଥ୍ୟ କ୍ଷେତ୍ରଥି ଉତମ୍ ପ୍ରୟୋଗ୍‌ଯୋଗ୍ୟ ପ୍ରକ୍ରିୟା ଆଉ ଅଭିନବ ସମ୍ପର୍କିତ ୯ ନମ୍ବର୍ ଜାତୀୟ ଶିଖର୍ ସମ୍ମିଲନୀକେ ଉଦ୍‌ଘାଟନ୍ କରିକରି ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନଡ୍ଡା କହିଛନ୍, ଯକ୍ଷ୍ମାରୋଗର୍ ଘାତକ୍ ପରିଣାମ୍‌କେ ନଜର୍‌ଥି ରଖିକରି ୨୦୩୦ ମସିହାତକ୍ ଦେଶୁ ଇତାକେ ପଏର୍‌ଚା ହଟାବାର୍ ଲାଗି ସାରା ପୁର୍‌ଥି ପ୍ରତିଜ୍ଞା କରିଛେ ।

ଶ୍ରୀ ନଡ୍ଡା କହିଛନ୍ ୨୦୧୭ ମସିହା ବେଲ୍‌କେ କେନ୍ଦ୍ର ସର୍‌କାର୍ ଗୁଟେ ନୂଆଁ ସ୍ୱାସ୍ଥ୍ୟ ନୀତି ଆନ୍‌ବାର୍ ଉତ୍‌ରୁ ସ୍ୱାସ୍ଥ୍ୟକ୍ଷେତ୍ରଥି ବହୁତ୍ ଟେ ସଂସ୍କାର୍ ମୂଳକ୍ ପଦକ୍ଷେପ୍ ନିଆଯାଇଛେ । ଦେଶେ କେନ୍‌ସର୍ ରୋଗୀଙ୍କର୍ ଚିକିତ୍ସା ଲାଗି ଫି' ଜିଲ୍ଲା ନ ଡେ'କେୟାର୍ ସେଂଟର୍ ପ୍ରତିଷ୍ଠା କରାଯିବା ଆଉ ରୋଗ୍ ଚିହ୍ନଟ୍ ହେବାର୍ ୩୦ ଦିନ୍ ଭିତରେ ଚିକିତ୍ସା ଯୁଗେଇ ଦିଆଯିବା । ସେନ୍ତା ବଢ଼ିଆ ସ୍ୱାସ୍ଥ୍ୟସେବା ଦେବାର୍ ଲକ୍ଷ୍ୟଥି ଗଲା ୧୦ ବଛର୍ ଭିତ୍‌ରେ ଦେଶେ ୨୨ ଟା ଏମ୍ସ ହସ୍ପିଟାଲ୍ ପ୍ରତିଷ୍ଠା ହେଇଛେ । ତଲ୍‌ସ୍ତର୍ ନୁ ସ୍ୱାସ୍ଥ୍ୟକର୍ମୀ ମାନ୍‌କର୍ ସେବାର୍ ଲାଗି ଆଏଜ୍ ଦେଶେ ସ୍ୱାସ୍ଥ୍ୟାବସ୍ଥାର୍ ସୁଧାର୍ ଆସିଛେ ବଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ । ସ୍ୱାସ୍ଥ୍ୟ କ୍ଷେତ୍ରଥି ଓଡ଼ିଶା ନ ନିଆଯାଉଥିବା ଭିନ୍ ଭିନ୍ ପଦକ୍ଷେପ୍ ବାବ୍‌ଦେ ଶ୍ରୀ ନଡ୍ଡା କହିଛନ୍,

(ଭଏସ୍ ଓଭର୍- ଶ୍ରୀ ନଡ୍ଡା)

ସମ୍ମିଲନୀଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ରାଏଜେ ଆୟୁଷ୍ମାନ୍ ଭାରତ୍ ଯୋଜ୍‌ନା ଲାଗୁ କର୍‌ବାର୍

ଲାଗି ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଥିବାର୍ ବିଷେଥି କହିଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍, ଟୀକାକରଣ୍ ଦିଗେ ଓଡ଼ିଶା ଦେଶର୍ ଅଲ୍‌ଗା ରାଜ୍ୟମାନ୍‌କର୍‌ଠାନୁ ଆଗେ ରହିଛେ । ରାଏଜେ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର୍ ପ୍ରତିଷ୍ଠା କରାଯାଇକରି ତଲ୍‌ସ୍ତର୍ ନ ଲୁକ୍‌କୁ ବଢ଼ିଆ ଚିକିତ୍ସା ସୁବିଧା ଦିଆଯାଉଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ରାଜ୍ୟ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ସମ୍ମିଲନୀଥି ଯୋଗ୍ ଦେଇକରି ସ୍ୱାସ୍ଥ୍ୟସେବା କ୍ଷେତ୍ରଥି ଗୁଟେ ଉନ୍ନତ୍ ପଦକ୍ଷେପ ଭାବେ ସର୍‌କାର୍ ଫି' ପଂଚାୟତ୍ ନ ଆରୋଗ୍ୟ ମନ୍ଦିର୍ ଥାପ୍‌ନା କର୍‌ବେ ବଲି ସୂଚ୍‌ନା ଦେଇଛନ୍ । ଉତ୍କର୍ଷ, ସୁସ୍ଥ ଆଉ ବିକଶିତ୍ ଓଡ଼ିଶା ଗଠନ୍ ଦିଗେ ଇ ୨ ଦିନିଆ ଜାତୀୟ ସମ୍ମିଲନୀ ସହାୟକ ହେବା ବଲି ମତପ୍ରକାଶ ପାଇଛେ । ସମ୍ମିଲନୀଥି ଭିନ୍ ଭିନ୍ ରାଜ୍ୟର୍ ସ୍ୱାସ୍ଥ୍ୟମନ୍ତ୍ରୀ ଆର୍ ସ୍ୱାସ୍ଥ୍ୟ ସଚିବ ମାନେ ଯୋଗ୍ ଦେଇଥିଲେ ।

ରାସନ୍‌କାର୍ଡ଼-ଖାଦ୍ୟ ଯୋଗାଣ ମନ୍ତ୍ରୀ      ସମ୍ବଲ୍‌ପୁର୍ ସମ୍ବାଦଦାତା

ରାଏଜେ ନୂଆଁ ରାସନ୍‌କାର୍ଡ଼ ପାଏବାର୍ ଲାଗି ପଞ୍ଜିକରଣ୍ କର୍‌ବାର୍‌କେ ହିତାଧିକାରୀମାନ୍‌କର୍ ଲାଗି ଆଏବା କାଏଲ୍‌ଠାନୁ

ପୋର୍ଟାଲ୍ ଖୁଲାଯିବା ବଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର କହିଛନ୍ । ସମ୍ବଲ୍‌ପୁର୍ ଠାନେ ଖରିଫ୍ ଧାନ୍ ଘିନା ବିକା ନେଇକରି ହେଇଥିବା ଗୁଟେ ବୈଠକ୍‌ଥି ଯୋଗ୍ ଦେଇକରି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍, ବାଦ୍ ପଡ଼ିଥିବା ନୂଆଁ ଯୋଗ୍ୟ ହିତାଧିକାରୀମାନେ ରାସନ୍‌କାର୍ଡ଼ ପାଏବାର୍ ଲାଗି ଆବେଦନ୍ କରିପାର୍‌ବେ । ଏବ୍‌ତକ୍ ୪ ଲାଖ୍ ମଲା ଲୁକ୍‌କର୍ ନାଁଥି ଥିବା ରାସନ୍‌କାର୍ଡ଼କେ ନାକଚ୍ କରାଯାଇଛେ । ଆଗ୍‌କେ ସର୍ଭେ କରାଯିବାର୍ ସହେତେ ସବୁ ଅଯୋଗ୍ୟ ହିତାଧିକାରୀମାନ୍‌କୁ ରାସନ୍‌କାର୍ଡ଼ ବ୍ୟବସ୍ଥାନୁ ବାଦ୍ ଦିଆଯିବା । ଇତାର୍‌ସହେତେ ଆୟକର୍ ନାଇଁ ଦଉଥିବା ଲୁକ୍‌କର୍ ସର୍ଭେ କରାଯିବା ବଲି ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- କୃଷ୍ଣଚନ୍ଦ୍ର ପାତ୍ର)

ମୁଖ୍ୟମନ୍ତ୍ରୀ ଜନଶୁଣାଣି I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା ସୋମ୍‌ବାର୍ ଭୁବ୍‌ନେଶ୍ୱର ଠାନେ ଥିବା ତାଙ୍କର୍ ଅଭିଯୋଗ୍ ଶୁଣାଣି ପ୍ରକୋଷ୍ଠ ନ ଲୁକ୍‌କର୍ ଭିନ୍ ଭିନ୍ ଅଭିଯୋଗ୍‌ର ଶୁଣାଣି କର୍‌ବେ । ଇଥିର୍‌ଲାଗି ଆଏଜ୍ ଦିନର୍ ୧୧ ବଜେନୁ ପଞ୍ଜିକରଣ୍ ମୁଲ୍ ହେଇଛେ । ଶୁଣାଣି ଲାଗି ଜନଶୁଣାଣି ମୋବାଇଲ୍ ଆପ୍ କି ପୋର୍ଟାଲ୍‌ଥି ସର୍ବାଧିକ ହଜାରେ ଲୋକ୍

ପଞ୍ଜିକରଣ୍ କରିପାର୍‌ବେ ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

କିଶୋରୀ କିଶୋର ସମାବେଶ I&PR

ଅନ୍ତର୍ଜାତୀୟ ମହିଳା ଦିବସ୍ ଅବ୍‌ସରେ ରାଜ୍ୟ ମହିଳା ଆଉ ଶିଶୁବିକାଶ୍ ବିଭାଗ୍ ତରଫୁ ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ୨ ଦିନିଆ କିଶୋରୀ କିଶୋର ସମାବେଶ୍ ଆଏଜ୍ ଉଦ୍‌ଯାପିତ୍ ହେଇଯାଇଛେ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଆଝିରର୍ ଯୁଆନ୍ ଟୁକେଲ୍‌ମାନେ ଆତ୍ମନିର୍ଭର୍‌ଶୀଲ୍ ହେବାର୍‌କେ ଆହ୍ୱାନ୍ ଦେଇଥିଲେ । ଇତାର୍‌ସହେତେ ନିଜର୍ ସୁରକ୍ଷା ଆର୍ ଯତନ୍ ଉପ୍‌ରେ ଧ୍ୟାନ୍ ଦେବାର୍‌କେ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ । ବାଲ୍ୟବିବାହ ଅଟ୍‌କାବାର୍ ସହେତେ ୨୧ ବଛର୍ ଉତ୍‌ରୁ ବିହା କରାଯିବାର୍ ବିଷେଥି ଭିଲ୍ ବୁଝେଇଥିଲେ । କାର୍ଯ୍ୟକ୍ରମ୍‌ଥି ଉଚ୍ଚଶିକ୍ଷା ଆଉ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଭିଲ୍ ଉପସ୍ଥିତ୍ ଥିଲେ ।

ମୁଖ୍ୟମନ୍ତ୍ରୀ -ବୀର ସୁରେନ୍ଦ୍ର ସାଏ        I&PR

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କର୍ ଆଏଜ୍ ଶହେ ୪୧ ନମ୍ବର୍ ଶ୍ରାଦ୍ଧବାର୍ଷିକୀ ଅବ୍‌ସରେ ରାଏଜେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବିଧାନ୍‌ସଭା ପରିସର ନ ଥିବା ବୀର ସୁରେନ୍ଦ୍ର ସାଏଙ୍କର୍ ପ୍ରତିମୂର୍ତ୍ତି ନ ମାଲ୍ୟାର୍ପଣ୍ କରିକରି ସ୍ମୃତିଚାରଣ୍ କରିଛନ୍ । କାର୍ଯ୍ୟକ୍ରମ୍‌ଥି ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀଶଙ୍କର୍ ଭୋଇ, ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ମନ୍ତ୍ରୀ ଗୋକୁଲାନନ୍ଦ ମଲ୍ଲିକଙ୍କର୍ ସହେତେ ଭିନ୍ ଭିନ୍ ନେତାମନ୍ତ୍ରୀ ମାନେ ଯୋଗ୍ ଦେଇଥିଲେ ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ବୀର ସୁରେନ୍ଦ୍ର ସାଏଙ୍କର୍ ସ୍ମୃତି ଚାରଣ୍ କରିକରି ସାମାଜିକ୍ ଗଣମାଧ୍ୟମ୍‌ଥି କହିଛନ୍, ଭାରତୀୟ ସ୍ୱାଧୀନତା ସଂଗ୍ରାମ୍‌ର ମହାନ୍ ସଂଗ୍ରାମୀ ଆର୍ ଓଡ଼ିଶାର୍ ବରପୁତ୍ର ସୁରେନ୍ଦ୍ର ସାଏଙ୍କର୍ ତ୍ୟାଗ, ନିଷ୍ଠା ଆର୍ ମାଁ ମାଏଟ୍ ଉପ୍‌ରେ ତାଙ୍କର୍ ଉତ୍ସର୍ଗୀକୃତ ମନୋଭାବ୍ ସବୁବେଲେ ଯୁଆନ୍‌ମାନ୍‌କୁ ତହଁକାବା ।

ଉତମ୍ ମହାନ୍ତି- ଶେଷକୃତ୍ୟ    ଭୁବ୍‌ନେଶ୍ୱର୍

ସମ୍ବାଦଦାତା/I&PR

ନାଁକରା ସିନ୍‌ମା ଅଭିନେତା ଉତମ୍ ମହାନ୍ତିଙ୍କର୍ ଆଏଜ୍ ଭୁବ୍‌ନେଶ୍ୱର୍ ସତ୍ୟନଗର୍ ଶ୍ମଶାନ୍ ଘାଟ୍ ଠାନେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହେତେ ଶେଷକୃତ୍ୟ କରାଯାଇଛେ । ଆଏଜ୍ ମଏଧାନେ ତାଙ୍କର୍ ପାର୍ଥିବ୍ ଶରୀର ଭୁବ୍‌ନେଶ୍ୱର୍ ଜଗନ୍ନାଥ ବିହାର୍ ତାଙ୍କର୍ ଘର୍‌କେ ପୁହୁଁଚିବାର୍ ଉତ୍‌ରୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ସହେତେ ବହୁତ୍ ମାଏନ୍‌ତା ଲୋକ୍ ପୁହୁଁଚିକରି ଶେଷ୍‌ଦର୍ଶନ୍ କରିଥିଲେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉତମ୍ ମହାନ୍ତିଙ୍କର୍ ବିୟୋଗ୍‌ଥି ଶୋକପ୍ରକାଶ୍ କର୍‌ବାର୍ ସହେତେ ଚଳଚ୍ଚିତ୍ର ଜଗତ୍ ଲାଗି ଗୁଟେ ଅପୂରଣୀୟ କ୍ଷତି ବଲି କହିଛନ୍ । ଓଡ଼ିଆ ସିନ୍‌ମା ଜଗତ୍‌ର ବିକାଶ୍ ଦିଗେ ଉତମ୍ ମହାନ୍ତି ସବୁଦିନ ମନେ  ରହେବେ ବଲି ରାଷ୍ଟ୍ରପତି କହିଛନ୍ । ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଭିଲ୍ ଶୋକପ୍ରକାଶ୍ କର୍‌ବାର୍ ସହେତେ ଉତମ୍‌ଙ୍କର୍ ଅମର୍ ଆତ୍ମାର୍ ସଦ୍‌ଗତି କାମନା କରିକରି ଶୋକସନ୍ତପ୍ତ ପରିବାର୍ ବର୍ଗଙ୍କୁ ସମବେଦନା ଜନେଇଛନ୍ । ବାଚସ୍ପତି ସୁରମା ପାଢ଼ୀ, ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ, ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍‌ଙ୍କର୍ ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତି ଭିଲ୍ ଶୋକପ୍ରକାଶ୍ କରିଛନ୍ ।

୧୯୫୮ ମସିହାଥି ମୟୁରଭଞ୍ଜ୍ ଜିଲ୍ଲାର୍ ବାରିପଦା ଠାନେ ଜନମ୍ ନେଇଥିବା ଉତମ୍ ମହାନ୍ତି ୧୯୭୭ ମସିହାଥି ସାଧୁ ମେହେର୍ଙ୍କର୍ ନିର୍ଦ୍ଦେଶିତ ଅଭିମାନ୍ ସିନ୍‌ମା ଜରିଏ ଓଡ଼ିଆ ଚଳଚ୍ଚିତ୍ର ଦୁନିଆଥି ପାଦ୍ ଥାପିକରି ସଫଲତାର୍ ଶିଘାଥି ପୁହୁଁଚିଥିଲେ ।

ଶହେ ୩୫ ନୁ ଅଏତ୍‌କା ଓଡ଼ିଆ ସିନ୍‌ମା, ୩୦ ଟା ବଙ୍ଗଲା ସିନ୍‌ମା ଆର୍ ଗୁଟେ ହିନ୍ଦୀ ସିନ୍‌ମା 'ନୟା ଜହର୍' ସହେତେ ତିନ୍‌ହି ଭାଷାଥି ଏକାଧିକ୍ ଧାରାବାହିକ୍‌ଥି ଭିଲ୍ ତାଙ୍କୁ ଦେଖିବାର୍‌କେ ମିଲିଥିଲା । ଶ୍ରେଷ୍ଠ ଅଭିନେତା ଭାବେ ଉତମ୍ ମହାନ୍ତି ବହୁତ୍‌ଥର୍ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର୍ ସହେତେ ୧୯୯୯ ମସିହାଥି ଜୟଦେବ୍ ପୁରସ୍କାର୍ ସହେତେ ପାଇଥିଲେ ।

ରାଜସ୍ୱ ମନ୍ତ୍ରୀ          ବଲାଙ୍ଗିର୍ ସମ୍ବାଦଦାତା

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ଆଏଜ୍ ବଲାଙ୍ଗିର୍ ଜିଲ୍ଲା ଗସ୍ତ କରିକରି ଜଙ୍ଗଲ୍ ବିଭାଗ୍‌ର କାମ୍‌ର ସମୀକ୍ଷା କରିଛନ୍ । ବଲାଙ୍ଗିର୍ ବନବିଭାଗ୍ ସମ୍ମିଳନୀ କକ୍ଷ ଠାନେ ହେଇଥିବା ସମୀକ୍ଷା ବୈଠକ୍‌ଥି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍, ୨ ମାସ୍ ଭିତ୍‌ରେ ଗରିବ୍ ମାନ୍‌କୁ ଜମି ପଟ୍ଟା

ଦିଆଯିବା । ସର୍କାରୀ ଜମି ଜବର୍ଦଖଲ୍ କରିଥିଲେ ୨ ମାସ୍ ଭିତ୍ରେ ସେଟାକେ ଭିଲ୍ ସର୍କାରୀ ଖାତାକେ ଫିରେଇ ଅନାଯିବା । ଲୋୟର୍ ସୁକତେଲ୍ ଜଲ୍ସେଚନ୍ ପ୍ରକଳ୍ପଥି କ୍ଷତିଗ୍ରସ୍ତ ଆର୍ ବାସହରାମାନ୍କର୍ ଥଇଥାନ୍ କରାଯିବାର୍ ସହେତେ ଶିକ୍ଷାନୁଷ୍ଠାନ୍ମାନ୍କେ ଭିଲ୍ ଜଲ୍ଦି ଜମି ଯୁଗେଇ ଦିଆଯିବା ବଲି ରାଜସ୍ୱ ମନ୍ତ୍ରୀ କହିଛନ୍ । ସେ ଆହୁରି କହିଛନ୍, ସର୍କାରୀ କର୍ମଚାରୀମାନେ ୪ ଘଂଟା ନୁ କମ୍ ସମୟ କାମ୍ କଲେ ତାଙ୍କର୍ ଉପ୍ରେ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ସମୀକ୍ଷା ବାବ୍ଦେ ସୂଚ୍ନା ଦେଇକରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍...

(ଭଏସ୍ ଓଭର୍- ରାଜସ୍ୱ ମନ୍ତ୍ରୀ)

ଜାତୀୟ ବିଜ୍ଞାନ୍ ଦିବସ ସୁବର୍ଣ୍ଣପୁର୍ ସମ୍ବାଦଦାତା /ଆର୍ଏନ୍ୟୁ/ ସମ୍ବଲପୁର

ସମ୍ବଲ୍ପୁର୍ ମହିଳା ମହାବିଦ୍ୟାଳୟ ନ ଜାତୀୟ ବିଜ୍ଞାନ୍ ଦିବସ୍ ଅଧ୍ୟକ୍ଷା ରାଜଶ୍ରୀ ବରାଳଙ୍କର୍ ଅଧ୍ୟକ୍ଷତାଥି ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ମୁଖ୍ୟଅତିଥି ଭାବେ ସହକାରୀ ପ୍ରାଧାପକ ଡକ୍ଟର୍ ଅରୂପ୍ କୁମାର୍ ମହାନ୍ତି ଯୋଗ୍ ଦେଇଥିଲେ ।

ସେନ୍ତା ସୋନ୍ପୁର୍ ମୋଡ଼େଲ୍ ଡିଗ୍ରୀ କଲେଜ୍ ନ ଭିଲ୍ ଜାତୀୟ ବିଜ୍ଞାନ୍ ଦିବସ୍ ପାଲିତ୍ ହେଇଯାଇଛେ । କଲେଜ୍ ଅଧ୍ୟକ୍ଷ

ଦେବାଶିଷ୍ ମହାନ୍ତିଙ୍କର୍ ସଭାପତିତ୍ୱଥି ହେଇଥିବା କାର୍ଯ୍ୟକ୍ରମ୍ ନ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଉଭିଦ ବିଜ୍ଞାନ୍ ବିଭାଗ୍ ମୁଖ୍ୟ ମଦନ୍ ମୋହନ୍ ପ୍ରଧାନ୍ ଯୋଗ୍ ଦେଇଥିଲେ ।

ନିର୍ମାଣ୍ ଶ୍ରମିକ୍ କଲ୍ୟାଣ୍ ଯୋଜ୍ନା- ସହାୟତା ବୌଦ୍ଧ

ବୌଦ୍ଧ ଜିଲ୍ଲା ଶ୍ରମ ବିଭାଗ୍ ତର୍ଫୁ ନିର୍ମାଣ୍ ଶ୍ରମିକ୍ କଲ୍ୟାଣ୍ ଯୋଜ୍ନାଥି ସହାୟତା ବଂଟାଯାଇଛେ । ବୌଦ୍ଧ ଟାଉନ୍ହଲ୍ଠାନେ ହେଇଥିବା ଇ କାର୍ଯ୍ୟକ୍ରମ୍ଥି ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ ଯୋଗ୍ ଦେଇକରି ୪ ଶହ ୬୭ ଝନ୍ ହିତାଧିକାରୀଙ୍କୁ ୨ କୋଟି ୯୩ ଲାଖ୍ ୪୨ ହଜାର୍ ଟଙ୍କାର୍ ଭିନ୍ ଭିନ୍ ସାହାଜ୍ ବାଂଟିଛନ୍ । କାର୍ଯ୍ୟକ୍ରମ୍ଥି ଜିଲ୍ଲାପାଳ୍ ସୁବ୍ରତ୍ କୁମାର୍ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ୍ ଅନିରୁଦ୍ଧ ପ୍ରଧାନ୍ ଭିଲ୍ ଉପସ୍ଥିତ୍ ଥିଲେ ।

ସମ୍ବଲ୍ପୁର୍ କପ୍ ଫୁଟ୍ବଲ୍ ଟୁର୍ଣ୍ଣାମେଂଟ ଆର୍ଏନ୍ୟୁ/ସମ୍ବଲପୁର

ସମ୍ବଲ୍ପୁର୍ ଭିଏସ୍ଏସ୍ ଷ୍ଟାଡ଼ିୟମ୍ ନ ୧୩ ନମ୍ବର୍ ସର୍ବଭାରତୀୟ ସମ୍ବଲ୍ପୁର୍ କପ୍ ଫୁଟ୍ବଲ୍ ଟୁର୍ଣ୍ଣାମେଂଟ୍ର ଆଏଜ୍ ପହେଲା

ସେମିଫାଇନାଲ୍ ମେଚ୍‌ରେ ସମଲେଶ୍ୱରୀ ସ୍ପୋର୍ଟିଙ୍ଗ୍, ସମ୍ବଲପୁର୍ ୨-୧ ଗୋଲ୍‌ରେ ଶ୍ରୀନିଧି ଡେକନ୍ସ, ହାଇଦ୍ରାବାଦ୍ ନୁ ଆଗାଡ଼େ ଅଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ୪/୫ ଦିନ୍ ଭିତ୍‌ରେ ସବୁନୁ କମ୍ ତାପମାତ୍ରା ୨ ନୁ ୩ ଡିଗ୍ରୀ ସେଲ୍‌ସିଅସ୍‌ତକ୍ ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଇତାର୍‌ଛଡ଼ା ପାଣିପାଗ ଖାସ୍ ନାଇଁ ବଦ୍‌ଲେ ।

ରାଜ୍ୟର୍ ସବୁନୁ ଜହ ତାତି ୩୭ ଡିଗ୍ରୀ ସେଲ୍‌ସିଅସ୍ ଆଏଜ୍ ଝାର୍‌ସୁଗୁଡ଼ା ନ ରେକର୍ଡ଼ କରାଯାଇଛେ । ସେନ୍ତା ୧୫ଟା ସହର୍‌ର ଦିନର୍ ତାପମାତ୍ରା ୩୫ ଡିଗ୍ରୀ ଉପ୍‌ରେ ରହିଥିଲା ।